# ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ, ଘଟଗାଁ, କେନ୍ଦୁଝର

ନୋଟିସ୍ ନଂ-......645...... ତା..14..12..2023...

## ଟେଣ୍ଡର ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛିକି ୨୦୨୩-୨୪ବର୍ଷ ପାଇଁ ଆହ୍ୱାନ କରାଯାଇଥିବା ଦ୍ୱିତୀୟ ପର୍ଯ୍ୟାୟରେ ନିମ୍ନଲିଖିତ ଟେଣ୍ଡରଟି ନିଷ୍ପତ୍ତି ହୋଇନଥିବାରୁ ଉକ୍ତ ଟେଣ୍ଡର ପାଇଁ ପରବର୍ତ୍ତୀ ଧାର୍ଯ୍ୟ ତାରିଖ ତା.୧୮.୧୨.୨୦୨୩ରିଖ ସୁଦ୍ଧା ଆବେଦନ କରିପାରିବେ । ପୂର୍ବ ନୋଟିସ୍ ନଂ-୬୨୩/ ତା.୦୩.୧୨.୨୦୨୩ ରିଖରେ ବିଜ୍ଞପ୍ତି ହୋଇଥିବା ସମସ୍ତ ନିୟମାବଳୀ ଏହି ପର୍ଯ୍ୟାୟରେ ପ୍ରଯୁଜ୍ୟ ଅଟେ । ତୃତୀୟ ପର୍ଯ୍ୟାୟ ଆବେଦନ ପାଇଁ ତା.୧୬.୧୨.୨୦୨୩ରିଖ ସୁଦ୍ଧା ଟେଣ୍ଡର ଫର୍ମ କ୍ରୟ କରିପାରିବେ । ପରିଚାଳନା କମିଟି ଚାହିଁଲେ ବିନାକାରଣରେ ଏହି ଟେଣ୍ଡର ନାକଚ ବା ପରିବର୍ତ୍ତନ କରିପାରିବେ । ଏହି ଟେଣ୍ଡର ସମ୍ବନ୍ଧୀୟ ନୋଟିସ୍ www.maatarini.co.in ୱେବ୍‌ସାଇଟ୍‌ରେ ଦେଖିପାରିବେ ।

| ଟେଣ୍ଡର ପର୍ଯ୍ୟାୟ | ଟେଣ୍ଡର ଗ୍ରହଣ ତାରିଖ ଓ ସମୟ | ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ |
|---|---|---|
| ତୃତୀୟ ପର୍ଯ୍ୟାୟ | ତା.୧୮.୧୨.୨୩ରିଖ ୧୧ଘଟିକା | ତା.୧୮.୧୨.୨୩ରିଖ ଘ.୧୨.୩୦ମି. |

| କ୍ର.ନଂ. | ଟେଣ୍ଡରର ନାମ | ଧାର୍ଯ୍ୟ ମୂଲ୍ୟ | ଅମାନତ ଦେୟ |
|---|---|---|---|
| ୧. | ଖୁଣ୍ଟା ମୌଜା ଚାଷ ଜମି | ଟ.୧୨,୬୦୦/- | ଟ.୧,୨୬୦/- |

14/12/2023

କାର୍ଯ୍ୟନିର୍ବାହୀ ଅଧିକାରୀ
ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ,
ଘଟଗାଁ, କେନ୍ଦୁଝର ।

# ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ, ଘଟଗାଁ, କେନ୍ଦୁଝର

## ଟେଣ୍ଡର ନିୟମାବଳୀ ୨୦୨୩-୨୪

୧- ଓଡିଶା ହିନ୍ଦୁ ଦେବୋତ୍ତର ଆଇନ ଅନୁଯାୟୀ ମନ୍ଦିରର ନିଯୁକ୍ତ ଥିବା ସଦସ୍ୟଙ୍କ ଆତ୍ମୀୟ/ସଂପର୍କୀୟ/ଉତ୍ତରାଧିକାରୀ ଏହି ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ ନାହିଁ ।

୨- ଅମାନତ ରାଶି ଦେୟ"ମା' ତାରିଣୀ ଠାକୁରାଣୀ, ଘଟଗାଁ "ଙ୍କ ନାମେ ବ୍ୟାଙ୍କଡ୍ରାଫ୍ଟ ଆକାରରେ କରି ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ । ବ୍ୟାଙ୍କଡ୍ରାଫ୍ଟ ପଛପାର୍ଶ୍ୱରେ ଆବେଦନକାରୀ ପୂରା ଦସ୍ତଖତ କରିବେ । ଗୋଟିଏ ବିଭାଗ ପାଇଁ ଗୋଟିଏ ଆବେଦନ ଫର୍ମ ଓ ଗୋଟିଏ ବ୍ୟାଙ୍କଡ୍ରାଫ୍ଟ ଦେବେ । ଯାହାଙ୍କ ନାମେ ଟେଣ୍ଡର ସ୍ଥିର ହେବ ଟେଣ୍ଡର ଅବଧି ସମାପ୍ତ ପରେ ମନ୍ଦିର କର୍ତ୍ତୃପକ୍ଷଙ୍କ ଠାରୁ ସେ ନୋ ଅବ୍‌ଜେକ୍‌ସନ ସାର୍ଟିଫିକେଟ୍ ପାଇବା ପରେ ତାଙ୍କର ଅମାନତ ରାଶି ଫେରସ୍ତ ପାଇବେ । ପୂର୍ବରୁ ଦାଖଲ କରିଥିବା ଅମାନତ ରାଶି ଏହି ଟେଣ୍ଡର ପ୍ରକ୍ରିୟାରେ ଆଡଜଷ୍ଟମେଣ୍ଟ ହେବ ନାହିଁ ।

୩- ଏକକ ଟେଣ୍ଡର ଗ୍ରହଣ ଯୋଗ୍ୟ ହେବ ନାହିଁ । ଅତି କମ୍‌ରେ ଦୁଇଟି ଟେଣ୍ଡର ପଡିଥିଲେ ତାହା ବିଚାରକୁ ନିଆଯିବ । ମାତ୍ର ଟେଣ୍ଡର ନିୟମ ଅନୁସାରେ ସମସ୍ତ ମାନଦଣ୍ଡ ଯଥା:-ଅମାନତ ରାଶିର ବ୍ୟାଙ୍କ ଡ୍ରାଫ୍ଟ ଓ ଆବଶ୍ୟକୀୟ ଦସ୍ତାବିଜ୍ ସଂଯୋଗ କରି ଆବେଦନ ଫର୍ମ ଦେଇଥିଲେ ତାହା ଆବେଦନ ଆକାରରେ ଗଣନା କରାଯିବ ନଚେତ୍ ତାହା ଆବେଦନ ଆକାରରେ ଗଣନା କରାଯିବ ନାହିଁ ।

୪- ଯାହାଙ୍କ ନାମେ ଟେଣ୍ଡର ଆଦେଶ ସ୍ଥିର ହେବ ସେ ଟେଣ୍ଡର ଚୂଡାନ୍ତ ହେବା ଦିନ ଠାରୁ ୫ଦିନ ଭିତରେ ସ୍ଥାନୀୟ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ଠାରୁ ଏକ ଚୁକ୍ତିନାମା ଆଫିଡେଭିଟ୍ କରି ଅତ୍ର କାର୍ଯ୍ୟାଳୟରେ ପ୍ରଦାନ କରିବେ ।

୫- ମନ୍ଦିର ବିରୁଦ୍ଧରେ ଆଇନ୍‌ର ଆଶ୍ରୟ ନେଇଥିବା ବ୍ୟକ୍ତି ଏହି ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ ନାହିଁ ।

୬- ଟେଣ୍ଡର ନେଉଥିବା ବ୍ୟକ୍ତି କୌଣସି ପ୍ରକାର ଆଇନ୍‌ର ଆଶ୍ରୟ ନେବେ ନାହିଁ କିମ୍ବା ମନ୍ଦିର ପରିଚାଳନା କମିଟିର ବିରୁଦ୍ଧାଚରଣ କରିପାରିବେ ନାହିଁ ।

୭- ପରିଚାଳନା କମିଟିର ନିଷ୍ପତ୍ତି ହିଁ ଚୁଡାନ୍ତ ନିଷ୍ପତ୍ତି । ପରିଚାଳନା କମିଟି ଚାହିଁଲେ ବିନା କୌଣସି କାରଣରେ ଏହି ଟେଣ୍ଡର ନାକଚ କିମ୍ବା ପରିବର୍ତ୍ତନ କରିପାରିବେ ।

Smohapatra
14/12/2023

କାର୍ଯ୍ୟନିର୍ବାହୀ ଅଧିକାରୀ
ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ,
ଘଟଗାଁ, କେନ୍ଦୁଝର ।